# ରେଣୁ ବିଷୋଇ ଏବଂ ଅନ୍ୟମାନେ

ବନାମ

ଗୌର ଚନ୍ଦ୍ର ପ୍ରଧାନ ଏବଂ ଅନ୍ୟମାନେ ।

16 ଜୁଲାଇ, 1999

[ବି. ଏନ୍. କିରପାଲ ଏବଂ ଏସ୍. ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତି ଦ୍ୱୟ ।]

*ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମ, 1991*

*ଧାରା 36 - ଜିଲ୍ଲା ପରିଷଦର ନିର୍ବାଚିତ ସଦସ୍ୟମାନଙ୍କ ଦ୍ୱାରା ଆନୁଗତ୍ୟର ଶପଥ - ପଦବୀ ଧାରଣ କରିବାର ତିନି ମାସ ମଧ୍ୟରେ କିମ୍ବା ପରିଷଦର ପ୍ରଥମ ତିନୋଟି ବୈଠକ ମଧ୍ୟରୁ ଗୋଟିଏରେ, ଯେଉଁଟି ପରବର୍ତ୍ତୀ ହୋଇଥାଏ, ନେବାକୁ ହେବ - କିଛି ସଦସ୍ୟ ପ୍ରଥମ ଏବଂ ଦ୍ୱିତୀୟ ବୈଠକରେ ଶପଥ ଗ୍ରହଣ କରିପାରିନଥିଲେ - ସେମାନେ ତୃତୀୟ ବୈଠକରେ ଉପସ୍ଥିତ ଥିଲେ ଯାହା ଶୋକ ପ୍ରସ୍ତାବ ପାରିତ ହେବା ପରେ ସ୍ଥଗିତ ରଖାଯାଇଥିଲା - ଯେତେବେଳେ ପରବର୍ତ୍ତୀ ତାରିଖରେ ଏକ ବୈଠକ ପାଇଁ ନୋଟିସ୍ ପଠାଯାଇଥିଲା, ସଦସ୍ୟମାନଙ୍କୁ ଶପଥ ଦିଆଯାଇପାରିବ କି ନାହିଁ ସେ ନେଇ ବିବାଦ ସୃଷ୍ଟି ହୋଇଥିଲା - ଉଚ୍ଚ ନ୍ୟାୟାଳୟ ସଦସ୍ୟମାନଙ୍କ ବିରୋଧରେ ମତ ଦେଇଥିଲେ - ବିଚାର କରାଗଲା, ଧାରା 36 ର ବ୍ୟବସ୍ଥା ଆକର୍ଷିତ ହୋଇଥିଲା ବୋଲି ନିଷ୍କର୍ଷରେ ପହଞ୍ଚି ଉଚ୍ଚ ନ୍ୟାୟାଳୟ ତ୍ରୁଟି କରିଥିଲେ - ସଦସ୍ୟମାନଙ୍କ ଭୁଲ ନଥିଲା କାରଣ ସେମାନେ ତୃତୀୟ ବୈଠକରେ ଉପସ୍ଥିତ ଥିଲେ, ଯାହା ସ୍ଥଗିତ ରହିଥିଲା – ସ୍ଥଗିତ ବୈଠକରେ ସେମାନଙ୍କୁ ଶପଥ ଗ୍ରହଣ କରିବାକୁ ବାରଣ କରାଯାଇଥିଲା - ଜିଲ୍ଲାପାଳ ଆବେଦନକାରୀ – ସଦସ୍ୟ ମାନଙ୍କୁ ଶପଥ ପାଠ କରାଇବେ ।*

ଦେୱାନୀ ଆବେଦନ ଅଧିକାରୀତା : ଦେୱାନୀ ଆବେଦନ ସଂଖ୍ୟା 3806/1999 ।

ଓ.ଜେ.ସି. ସଂଖ୍ୟା 18371/1997 ରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କର ତା 5.5.98 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଜନ କଲ୍ୟାଣ ଦାସ ।

ସୁଶ୍ରୀ ମୃଦୁଳା ରାୟ ଭରଦ୍ୱାଜଙ୍କ ପାଇଁ ବି. ବି. ରଥୋ, (ସୁଶ୍ରୀ ଶଶିନ୍ଦ୍ର ତ୍ରିପାଠୀ), ଓଡ଼ିଶା ରାଜ୍ୟ ପାଇଁ ଜେନେରାଲ ଜୟନ୍ତ ଦାସ,ଏବଂ ଉତ୍ତରଦାତାମାନଙ୍କ ପାଇଁ ରାଧା ଶ୍ୟାମ ଜେନା ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଏହି ଆବେଦନରେ ବିଚାର ପାଇଁ ଯେଉଁ ସଂକ୍ଷିପ୍ତ ପ୍ରଶ୍ନ ଉତ୍ଥାପନ ହୁଏ ତାହା ହେଉଛି ଜିଲ୍ଲା ପରିଷଦର ସଦସ୍ୟ ଭାବରେ ନିର୍ବାଚିତ ହୋଇଥିବା ଆବେଦନକାରୀମାନେ ଓଡ଼ିଶା ଜିଲ୍ଲା ପରିଷଦ ଅଧିନିୟମର (ସଂକ୍ଷେପରେ 'ଅଧିନିୟମ') ଧାରା 36 ଦ୍ୱାରା ପରିକଳ୍ପିତ ଆନୁଗତ୍ୟର ଶପଥ ଗ୍ରହଣ କରିନଥିବାରୁ ପଦବୀରେ ସେମାନଙ୍କର ରହିବା ଶେଷ ହୋଇଯାଏ କି?

ସଂକ୍ଷିପ୍ତ ତଥ୍ୟ ହେଉଛି ଯେ ଉକ୍ତ ଜିଲ୍ଲା ପରିଷଦ ପାଇଁ ଏକ ନିର୍ବାଚନ ହୋଇଥିଲା ଏବଂ ଫଳାଫଳ 29-1-1997 ରେ ଘୋଷଣା କରାଯାଇଥିଲା । ଅଧିନିୟମର ଧାରା 36 ଅନୁଯାୟୀ, ପରିଷଦର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ସମେତ ନିର୍ବାଚିତ ସଦସ୍ୟମାନେ ଯେଉଁ ଦିନଠାରୁ କାର୍ଯ୍ୟଭାର ସମ୍ଭାଳିବେ, ସେହି ଦିନଠାରୁ ତିନି ମାସ ମଧ୍ୟରେ କିମ୍ବା ପରିଷଦର ପ୍ରଥମ

ତିନୋଟି ବୈଠକ ମଧ୍ୟରୁ ଯେକୌଣସି ଗୋଟିଏରେ, ଯାହା ପରବର୍ତ୍ତୀ ହେଉ, ଆନୁଗତ୍ୟର ଶପଥ ନେବା ଆବଶ୍ୟକ । ଯଦି ଶପଥ ନ ନିଆଯାଏ ତେବେ ଏପରି ବ୍ୟକ୍ତି ପଦବୀରେ ରହି ପାରିବେ ନାହିଁ ।

ବର୍ତ୍ତମାନର ମାମଲାରେ ପରିଷଦର ପ୍ରଥମ ବୈଠକ 15-2-1997 ରେ ଅନୁଷ୍ଠିତ ହୋଇଥିଲା । ଏହି ଅଦାଲତରେ ଦାଖଲ ହୋଇଥିବା ଗଞ୍ଜାମ ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ ଶ୍ରୀ ଏସ୍. କେ. ସତପଥି ଙ୍କ ପ୍ରତି-ସତ୍ୟପାଠ ଅନୁଯାୟୀ ଉକ୍ତ ଜିଲ୍ଲା ପରିଷଦକୁ 69 ଜଣ ସଦସ୍ୟ ନିର୍ବାଚିତ ହୋଇଥିଲେ । 15-2-1997 ରେ, 10.30 AM ରେ ଆସିଥିବା 36 ଜଣ ସଦସ୍ୟଙ୍କୁ ଶପଥ ଦିଆଯାଇଥିଲା । ଉକ୍ତ ଜିଲ୍ଲାପାଳ ଅନ୍ୟ ସଦସ୍ୟମାନଙ୍କ ପାଇଁ ସକାଳ 11.20 ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ ଏବଂ ସେହି ସମୟ ପରେ କୌଣସି ଶପଥ ଗ୍ରହଣ କରାଯାଇ ନଥିଲା । ଉକ୍ତ ବୈଠକରେ ପରିଷଦର ଅଧ୍ୟକ୍ଷ ନିର୍ବାଚିତ ହୋଇଥିଲେ । ଦ୍ୱିତୀୟ ବୈଠକ 25-2-1997 ରେ ହୋଇଥିଲା । ଉକ୍ତ ବୈଠକରେ ସକାଳ 10.30 ରେ ଆସିଥିବା 33 ଜଣ ସଦସ୍ୟଙ୍କ ମଧ୍ୟରୁ 26 ଜଣ ସଦସ୍ୟଙ୍କୁ ଶପଥ ପାଠ କରାଯାଇଥିଲା । ସେହି ତାରିଖରେ ଆବେଦନକାରୀମାନେ ମଧ୍ୟ ସକାଳ 10.30 ପରେ ଆସିଥିଲେ ଏବଂ ତେଣୁ, ସେମାନଙ୍କୁ ଶପଥ ଦିଆଯାଇନଥିଲା କାରଣ ସେତେବେଳକୁ ଜିଲ୍ଲା ମାଜିଷ୍ଟ୍ରେଟ୍ ବୈଠକ ସ୍ଥାନ ଛାଡିଦେଇଥିଲେ । ତୃତୀୟ ବୈଠକଟି 1-5-1997 ରେ ଡକାଯାଇଥିଲା । ବୈଠକ ଡକାଯିବା ସମୟରେ ଆବେଦନକାରୀମାନେ ଉପସ୍ଥିତ ଥିଲେ । ଏଥିରୁ ଜଣାପଡ଼େ ଯେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗରେ ଏକ ଶୋକ ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ଆବେଦନକାରୀମାନଙ୍କୁ କୌଣସି ଶପଥ ପାଠ କରାଯାଇନଥିଲା । ଏହାପରେ 30-7-1997 ରେ ଏକ ବୈଠକ ପାଇଁ ବିଜ୍ଞପ୍ତି ପଠାଯାଇଥିଲା ଯେଉଁଠାରେ ଆବେଦନକାରୀଙ୍କୁ ଶପଥ ଦିଆଯାଇପାରିବ କି ନାହିଁ ସେ ନେଇ ବିବାଦ ସୃଷ୍ଟି ହୋଇଥିଲା । କେତେକ ସଦସ୍ୟଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଥିଲା ଯେ ଯେହେତୁ ଆବେଦନକାରୀମାନେ ପ୍ରଥମ ତିନୋଟି ବୈଠକରେ ଶପଥ ଗ୍ରହଣ କରିନଥିଲେ, ତେଣୁ ଧାରା 36 ଅନୁଯାୟୀ ସେମାନେ ଜିଲ୍ଲା ପରିଷଦର ସଦସ୍ୟ ହେବା ଶେଷ ହୋଇଯାଇଥିଲା । 1997 ମସିହା ଅଗଷ୍ଟ 14 ତାରିଖରେ ଜିଲ୍ଲାପାଳ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବଙ୍କୁ ଏକ ଚିଠି ଲେଖିଥିଲେ, ଯେଉଁଥିରେ ସେ ଅନ୍ୟାନ୍ୟ ବିଷୟ ମଧ୍ୟରେ କହିଥିଲେ ଯେ ସ୍ୱର୍ଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଶୋକ ପ୍ରସ୍ତାବ ପରେ ତୃତୀୟ ବୈଠକକୁ ସ୍ଥଗିତ ରଖାଯାଇଥିଲା । ଏଠାରେ ଆବେଦନକାରୀମାନେ ଜିଲ୍ଲା ପରିଷଦର ସଦସ୍ୟ ହେବା ଶେଷ ହୋଇଯାଇଛି କି ସେ ସମ୍ପର୍କରେ ନିର୍ବାଚନ ଆୟୋଗଙ୍କ ଠାରୁ ସ୍ପଷ୍ଟୀକରଣ ଲୋଡ଼ା ଯାଇଥିଲା । ଆବେଦନକାରୀଙ୍କ ସପକ୍ଷରେ ନିର୍ବାଚନ ଆୟୋଗ ମତ ରଖିଥିଲେ । ଏହା ପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟଙ୍କଠାରେ ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଅନ୍ୟାନ୍ୟ ବିଷୟ ମଧ୍ୟରେ ଏକ ରିଟ୍ ଆବେଦନ ଦାଖଲ କରାଯାଇଥିଲା, ଯେଉଁଥିରେ ଦର୍ଶାଯାଇଥିଲା ଯେ ଧାରା 36 ର ବ୍ୟବସ୍ଥା ଅନୁଯାୟୀ ଆବେଦନକାରୀମାନେ ଉକ୍ତ ବ୍ୟବସ୍ଥା ପାଳନ କରିନଥିବାରୁ ସେମାନଙ୍କର ପଦବୀରେ ରହିବା ଶେଷ ହୋଇଯାଇଛି ।

ଆକ୍ଷେପିତ ରାୟ ଦ୍ୱାରା ଉଚ୍ଚ ନ୍ୟାୟାଳୟ ଏହି ଉପସଂହାର ପହଞ୍ଚିଲେ ଯେ ପରିଷଦର ତିନୋଟି ବୈଠକ ଅନୁଷ୍ଠିତ ହୋଇଥିଲା ଏବଂ ଏଠାରେ ଆବେଦନକାରୀମାନେ ଉକ୍ତ ବୈଠକ ମଧ୍ୟରୁ କୌଣସିଟିରେ ଶପଥ ଗ୍ରହଣ କରିନଥିଲେ ଏବଂ ତେଣୁ ସେମାନେ ପଦବୀରେ ରହିବା ଶେଷ କରିଦେଇଥିଲେ ।

ଏଥିରେ କୌଣସି ବିବାଦ ନାହିଁ ଯେ ପ୍ରଥମ ଦୁଇଟି ବୈଠକରେ ଆବେଦନକାରୀମାନଙ୍କୁ ଶପଥ ଗ୍ରହଣ କରାଯାଇନଥିଲା । 1-5-1997 ରେ ଅନୁଷ୍ଠିତ ବୈଠକ ସମ୍ବନ୍ଧରେ ଜିଲ୍ଲାପାଳଙ୍କ ଦ୍ୱାରା ଲିଖିତ 14 ଅଗଷ୍ଟ, 1997 ତାରିଖର ଚିଠିରେ କୁହାଯାଇଛି ଯେ ଉକ୍ତ ବୈଠକ "ସ୍ୱର୍ଗତ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଶୋକ ପ୍ରସ୍ତାବ ପରେ ସ୍ଥଗିତ ରଖାଯାଇଥିଲା।" ଏହି ନ୍ୟାୟାଳୟଙ୍କଠାରେ ଦାଖଲ ହୋଇଥିବା ଉକ୍ତ ଜିଲ୍ଲାପାଳଙ୍କ ସତ୍ୟପାଠରେ କୁହାଯାଇଛି ଯେ ତା 1-5-1997 ରିଖରେ

କୌଣସି ସଦସ୍ୟଙ୍କୁ ଆନୁଗତ୍ୟର ଶପଥ ଦିଆଯାଇନଥିଲା ଏବଂ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗରେ ଶୋକ ପାଳନ କରାଯିବା ପରେ ଏହାକୁ ବତିଲ କରାଯାଇଥିଲା ।

ଉପରୋକ୍ତରୁ ଏହା ସ୍ପଷ୍ଟ ଯେ ଶୋକ ପ୍ରସ୍ତାବ ପାରିତ ହେବା ପରେ ତୃତୀୟ ବୈଠକ ମୁଲତବି ରଖାଯାଇଥିଲା ଏବଂ ତେଣୁ, ବୈଷୟିକ ଦୃଷ୍ଟିରୁ କହିବାକୁ ଗଲେ, 30-7-1997 ପାଇଁ ଡକାଯାଇଥିବା ବୈଠକଟି ସ୍ଥଗିତ ବୈଠକ ହେବ । ଶୋକ ପ୍ରସ୍ତାବ ପାରିତ ହେବା ସହିତ ତୃତୀୟ ବୈଠକ 1-5-1997 ରେ ସମାପ୍ତ ହୋଇଯାଇଥିଲା ଏବଂ 30-7-1997 ର ବୈଠକ ଚତୁର୍ଥ ବୈଠକ ଥିଲା ବୋଲି ଉଚ୍ଚ ନ୍ୟାୟାଳୟଙ୍କର ନିଷ୍କର୍ଷ ଏବଂ ଉତ୍ତରଦାତାଙ୍କ ତରଫରୁ ବିଜ୍ଞ ଓକିଲଙ୍କ ଉପସ୍ଥାପନା ସହିତ ଆମେ ସହମତ ନୁହେଁ । ନଥିରେ ଏପରି କୌଣସି ତଥ୍ୟ ନାହିଁ ଯାହା ଆମକୁ ଏହା ଧରିବାକୁ ପ୍ରବର୍ତ୍ତାଇପାରିବ ଯେ ତୃତୀୟ ବୈଠକ ସ୍ଥଗିତ ହେବା ନେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କୁ 14 ଅଗଷ୍ଟ, 1997 ରେ ଚିଠି ଲେଖି ଜିଲ୍ଲାପାଳ ଯାହା କହିଥିଲେ ତାହା ଭୁଲ ଅଟେ ।

ଏହା ଏକ ସ୍ୱୀକୃତ ମାମଲା ଯେ ତା 30-7-1997 ରିଖରେ ଆବେଦନକାରୀଙ୍କୁ ଶପଥ ଗ୍ରହଣ କରିବାକୁ ମନା କରାଯାଇଥିଲା କାରଣ ପ୍ରଥମ ତିନୋଟି ବୈଠକ ଅନୁଷ୍ଠିତ ହୋଇସାରିଥିବାରୁ ଧାରା 36 ପାଳନ କରାଯାଇ ନଥିଲା ବୋଲି ଯୁକ୍ତି ଉଠିଥିଲା । ଆବେଦନକାରୀମାନେ ଦୋଷୀ ନଥିଲେ କାରଣ ସେମାନେ ତା 1-5-1997 ରିଖରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଥିଲେ କିନ୍ତୁ ବୈଠକ ସ୍ଥଗିତ ରହିଥିବାରୁ ସେମାନଙ୍କୁ ଶପଥ ଗ୍ରହଣ କରାଯାଇପାରିଲା ନାହିଁ । ତା 30-7-1997 ରିଖର ସ୍ଥଗିତ ବୈଠକରେ ସେମାନଙ୍କୁ ପୁନର୍ବାର ଶପଥ ଗ୍ରହଣ କରିବାକୁ ବାରଣ କରାଯାଇଥିଲା । ଏହି ପରିସ୍ଥିତିରେ ଧାରା 36 ର ବ୍ୟବସ୍ଥା ବର୍ତ୍ତମାନର ମାମଲା ପ୍ରତି ଆକର୍ଷିତ ହୋଇଛି ବୋଲି ନିଷ୍କର୍ଷରେ ପହଞ୍ଚି ଉଚ୍ଚ ନ୍ୟାୟାଳୟ ଠିକ୍ ନଥିଲେ ।

ଉପରୋକ୍ତ କାରଣଗୁଡିକ ପାଇଁ ଏହି ଆବେଦନକୁ ଅନୁମତି ଦିଆଯାଇଛି ଏବଂ ଉତ୍ତରଦାତା ସଂଖ୍ୟା 1 ଙ୍କ ଦ୍ୱାରା ଦାୟର ହୋଇଥିବା ରିଟ୍ ଆବେଦନ ଖାରଜ ହୋଇଛି । ଆଜିଠାରୁ ଚାରି ସପ୍ତାହ ମଧ୍ୟରେ ଆବେଦନକାରୀଙ୍କୁ ଶପଥପାଠ କରାଇବାକୁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ଆର.ପି. ଆବେଦନକୁ ଅନୁମତି ଦିଆଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ | ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ |"

*Translated by:*

ସୁବୋଧ ରାଉତ,
ଅନୁବାଦକ,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।